ବାଙ୍କୁରାର ପୌରପାଳିକା ଅଧ୍ୟକ୍ଷ

ବନାମ

ଲାଲଜୀ ରାଜା ଏବଂ ପୁତ୍ରମାନେ

[ମେହେର୍ ଚାନ୍ଦ୍ ମହାଜନ୍ ଏବଂ ଭଗବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*1953*

*ମାର୍ଚ୍ଚ 12*

*କଲିକତା ଉଚ୍ଚ ନ୍ୟାୟାଳୟଙ୍କ ନିୟମାବଳୀ, ପ୍ରଥମ ଭାଗ, ଏକାଦଶ ଅଧ୍ୟାୟ, ନବମ ନିୟମ- ଏକକ ବିଚାରପତିଙ୍କ ଅଧିକାରିତା- "ସମ୍ପତ୍ତି ବାଜ୍ୟାପ୍ତିକରଣ ଆଦେଶ"- ବାଜ୍ୟାପ୍ତିକରଣର ଅର୍ଥ-ପୌରପାଳିକା ଆଇନ ଅନୁଯାୟୀ ଅସ୍ୱାସ୍ଥ୍ୟକର ଖାଦ୍ୟକୁ ଫୋପାଡି ଦେବା ନିର୍ଦ୍ଦେଶ ଦେଉଥିବା ଆଦେଶ- ଏହାକୁ ବାଜ୍ୟାପ୍ତିକରଣ ବୋଲି ବିଚାର କରାଯିବ କି ନାହିଁ- ବେଙ୍ଗଲ ପୌରପାଳିକା ଅଧିନିୟମ, 1932 ର ଧାରା 428, 431, 432 ।*

ବେଙ୍ଗଲ ପୌରପାଳିକା ଅଧିନିୟମର (1932 ର XV) ଧାରା 428 ଅନୁଯାୟୀ ଜବତ କରାଯାଇଥିବା ଏକ ଖାଦ୍ୟସାମଗ୍ରୀକୁ ଉକ୍ତ ଅଧିନିୟମର ଧାରା 431 ଏବଂ 432 ଅନୁଯାୟୀ ନଷ୍ଟ କରିବାକୁ ଜିଲ୍ଲା ଦଣ୍ଡାଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ଏକ ଆଦେଶ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ନିୟମାବଳୀର ଭାଗ 2 ର ଅଧ୍ୟାୟ 2 ର ନିୟମ 9 ର ପରନ୍ତୁକ ଅଧୀନରେ ଏକ ସମ୍ପତ୍ତି ବାଜ୍ୟାପ୍ତିକରଣ ଆଦେଶ ନୁହେଁ ଏବଂ ଉକ୍ତ ଉଚ୍ଚ ନ୍ୟାୟାଳୟଙ୍କ ଜଣେ ଏକକ ବିଚାରପତିଙ୍କର ଏପରି ଆଦେଶରୁ ଏକ ବିଚାରାର୍ଥେ ପ୍ରେରଣ ଶୁଣିବାର ଅଧିକାରିତା ରହିଛି ।

ଯେପର୍ଯ୍ୟନ୍ତ ଜୋରିମାନା ଦ୍ୱାରା କିମ୍ବା ଅପରାଧ କିମ୍ବା ବେଆଇନ୍ କାର୍ଯ୍ୟ ଦ୍ୱାରା କିମ୍ବା ଚୁକ୍ତି ଭଙ୍ଗ ଦ୍ୱାରା ସମ୍ପତ୍ତିର କ୍ଷତି କିମ୍ବା ଏହାର ଉପଭୋଗରୁ ବଞ୍ଚିତ ନ ହୋଇଛି, ସେପର୍ଯ୍ୟନ୍ତ ଏହାକୁ ସମ୍ପତ୍ତିର "ବାଜ୍ୟାପ୍ତିକରଣ" କୁହାଯିବ ନାହିଁ ।

ଫୌଜଦାରୀ ଆବେଦନ ଅଧିକରିତା: ଫୌଜଦାରୀ ଆବେଦନ ସଂଖ୍ୟା 23/1952 । 1951 ର ଫୌଜଦାରୀ ସନ୍ଦର୍ଭ ମାମଲା ସଂଖ୍ୟା 110 ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ (ନ୍ୟାୟମୂର୍ତ୍ତି ଚୁନ୍ଦର) ଦ୍ୱାରା 18 ଜାନୁଆରୀ, 1952 ରେ ଦିଆଯାଇଥିବା ଏକ ଆଦେଶରୁ ଆବେଦନ ।

ଆବେଦନକାରୀଙ୍କ ତରଫରୁ *ଏନ୍. ସି. ତାଲୁକଦାର୍* ଏବଂ *ଏ. ଡି. ଦତ୍ତ*।

ପ୍ରତିବାଦୀମାନଙ୍କ ତରଫରୁ *ଅଜିତ୍ କୁମାର ଦତ୍ତା* ଏବଂ *ଏସ୍. ଏନ୍. ମୁଖାର୍ଜୀ*।

1953
ବାଙ୍କୁରାର ପୌରପାଳିକା ଅଧ୍ୟକ୍ଷ
ବନାମ
ଲାଲଜୀ ରାଜା ଏବଂ ପୁତ୍ରମାନେ
ନ୍ୟାୟମୂର୍ତ୍ତି ଭଗବତୀ

1953. ମାର୍ଚ୍ଚ 12. ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି ଭଗବତୀ- ଏହା ସମ୍ବିଧାନର ଅନୁଚ୍ଛେଦ 134 (c) ଅନୁଯାୟୀ ଏକ ଆବେଦନ ଏବଂ ଏହା ଏହି ପ୍ରସଙ୍ଗକୁ ଉଠାଇଛି ଯେ ବେଙ୍ଗଲ ପୌରପାଳିକା ଅଧିନିୟମର (1932 ର XV) ଧାରା 431 ଏବଂ 432 ଅନୁଯାୟୀ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଜଣେ ଏକକ ବିଚାରପତି ଏକ ଆଦେଶରୁ ଏକ ବିଚାରାର୍ଥେ ପ୍ରେରଣକୁ ଶୁଣିପାରିବେ କି ନାହିଁ।

ଫୌଜଦାରୀ ମାମଲାଗୁଡ଼ିକରେ ଉଚ୍ଚ ନ୍ୟାୟାଳୟଙ୍କ ଜଣେ ଏକକ ବିଚାରପତିଙ୍କ ଅଧିକାରିତାକୁ ଉଚ୍ଚ ନ୍ୟାୟାଳୟଙ୍କ ନିୟମାବଳୀରେ ଭାଗ 1 ର ଅଧ୍ୟାୟ 2 ର ନିୟମ 9 ର ପରନ୍ତୁକରେ ବ୍ୟାଖ୍ୟା କରାଯାଇଛି ଏବଂ ସେହି ପରନ୍ତୁକର ପ୍ରାସଙ୍ଗିକ ଅଂଶ ନିମ୍ନମତେ ଉଲ୍ଲେଖ କରାଯାଇଛି: -

"ଉଲ୍ଲେଖଥାଉକି, ଜଣେ ଏକକ ବିଚାରପତି ନିମ୍ନଲିଖିତ ବିଷୟଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି ଆବେଦନ, ବିଚାରାର୍ଥେ ପ୍ରେରଣ କିମ୍ବା ପୁନରୀକ୍ଷଣ ପାଇଁ କରାଯାଇଥିବା ଆବେଦନ ଉପରେ ଶୁଣାଣି କରିପାରିବେ: -

(1) ଗୋଟିଏ ହେଉଛି ମୃତ୍ୟୁ ଦଣ୍ଡାଦେଶ, ଦେଶାନ୍ତର, ସଶ୍ରମ କାରାଦଣ୍ଡ, ସମ୍ପତ୍ତିର ବାଜ୍ୟାପ୍ତିକରଣ କିମ୍ବା କାରାବାସ ସମ୍ବନ୍ଧୀୟ ଆଦେଶ, ଯାହାକି ଜୋରିମାନା ପ୍ରଦାନରେ ଖିଲାପ ଆଧାରରେ ହେଉଥିବା କାରାବାସ ଆଦେଶ ହୋଇ ନଥିବ............"।

ତେଣୁ ସମ୍ପତ୍ତି ବାଜ୍ୟାପ୍ତିକରଣ ଆଦେଶ ସମ୍ପୃକ୍ତରେ କୌଣସି ବିଚାରାର୍ଥେ ପ୍ରେରଣ କିମ୍ବା ପୁନରୀକ୍ଷଣ ପାଇଁ ଆବେଦନ ଉପରେ ପଦକ୍ଷେପ ନେବାକୁ ଜଣେ ଏକକ ବିଚାରପତିଙ୍କ କୌଣସି ଅଧିକାରିତା ନାହିଁ, ଏବଂ ଏହି ଆବେଦନରେ ଯେଉଁ ପ୍ରଶ୍ନ ଉଠୁଛି ତାହା ହେଉଛି ବାଙ୍କୁରାର ବିଜ୍ଞ ଜିଲ୍ଲା ଦଣ୍ଡାଧିକାରୀଙ୍କ ଦ୍ୱାରା ବେଙ୍ଗଲ ପୌରପାଳିକା ଅଧିନିୟମ, 1932 ର ଧାରା 431 ଏବଂ 432 ଅନୁଯାୟୀ ପାରିତ ଆଦେଶ ଉପରୋକ୍ତ ପରନ୍ତୁକର ଅର୍ଥ ମଧ୍ୟରେ ସମ୍ପତ୍ତି ବାଜ୍ୟାପ୍ତିକରଣ କରିବା ଆଦେଶ ସହିତ ସମାନ କି ନୁହେଁ।

ପ୍ରାସଙ୍ଗିକ ତଥ୍ୟଗୁଡ଼ିକ ନିମ୍ନମତେ ସଂକ୍ଷେପରେ କୁହାଯାଇପାରେ । ପ୍ରତିବାଦୀମାନେ ହେଉଛନ୍ତି ବାଙ୍କୁରା ପୌରପାଳିକା ଅନ୍ତର୍ଗତ ବାଙ୍କୁରା ସହରରେ ଥିବା ଅନେକ ତୈଳ କାରଖାନାଗୁଡ଼ିକର ମାଲିକଗଣ । 6 ମାର୍ଚ୍ଚ, 1950 ରେ, ପୌରପାଳିକାର ସ୍ୱଚ୍ଛତା ନିରୀକ୍ଷକ ସୂଚନା ପାଇଥିଲେ ଯେ ପ୍ରତିବାଦୀମାନଙ୍କ ସମ୍ପତ୍ତିଭୁକ୍ତ ଶ୍ରୀ ଗୌରଙ୍ଗ ତୈଳ କାରଖାନାର ପରିଚାଳକ, ଶ୍ରୀ

ହନ୍ଦେଶ୍ୱର ମାଜିଙ୍କ ଚାଉଳ କାରଖାନାର ପ୍ରାଙ୍ଗଣରେ ପ୍ରାୟ 300 ବସ୍ତା ସଢା, ପଚା, ଅସ୍ୱାସ୍ଥ୍ୟକର ସୋରିଷ ମଞ୍ଜି ଜମା କରିଥିଲେ ଏବଂ ପ୍ରାୟ 600 ବସ୍ତା ଅସ୍ୱାସ୍ଥ୍ୟକର ସୋରିଷ ମଞ୍ଜି ବିକ୍ରୟ ପାଇଁ ଏବଂ ସେଥିରୁ ତୈଳ ପ୍ରସ୍ତୁତ କରି ତାହାର ବିକ୍ରୟ ପାଇଁ ପ୍ରତିବାଦୀମାନଙ୍କ କାରଖାନାର ଗୋଦାମରେ ଜମା କରିଥିଲେ । ସେହି ତରଫରୁ ତାଙ୍କ ଦ୍ୱାରା କରାଯାଇଥିବା ଏକ ଆବେଦନ ଉପରେ, ବାଙ୍କୁରାର ଉପ-ବିଭାଗୀୟ ଅଧିକାରୀ ବିଧିବଦ୍ଧ ଭାବରେ ଏକ ତଲାସ୍ ପରୱାନା ଜାରି କରିଥିଲେ ଏବଂ ସେହି ଦିନ ସ୍ୱଚ୍ଛତା ନିରୀକ୍ଷକ, ପ୍ରତିବାଦୀମାନଙ୍କ ପାଖରୁ ବିପୁଳ ପରିମାଣର ସୋରିଷ ମଞ୍ଜି ପାଇଥିଲେ ଯାହା ଅତ୍ୟନ୍ତ ପଚା, ଅସ୍ୱାସ୍ଥ୍ୟକର ଏବଂ ମାନବ ଖାଦ୍ୟ ଭାବେ ବ୍ୟବହାର ପାଇଁ ଅନୁପଯୁକ୍ତ ଥିଲା ବୋଲି ଜଣାପଡ଼ିଲା । 6 ମାର୍ଚ୍ଚ, 1950 ଏବଂ 8 ମାର୍ଚ୍ଚ, 1950 ମଧ୍ୟରେ ସେ ଉକ୍ତ ମଞ୍ଜିଗୁଡ଼ିକୁ ଜବତ କରିଥିଲେ ଏବଂ ଜବତ କାର୍ଯ୍ୟ ଶେଷ ହେବା ପରେ ଉକ୍ତ ସୋରିଷ ମଞ୍ଜିଗୁଡ଼ିକୁ ନଷ୍ଟ କରିବା ପାଇଁ ପ୍ରତିବାଦୀମାନଙ୍କ ଲିଖିତ ସମ୍ମତି ମାଗିଥିଲେ, ଯାହାକୁ ସେମାନେ ପ୍ରତ୍ୟାଖ୍ୟାନ କରିଥିଲେ । ତେଣୁ ସ୍ୱଚ୍ଛତା ନିରୀକ୍ଷକ ଜବତ ହୋଇଥିବା ସମସ୍ତ ବ୍ୟାଗକୁ ଯଥା, 951½ ବ୍ୟାଗକୁ, ପ୍ରତିବାଦୀମାନଙ୍କ ସମ୍ମତି ସହିତ ସେମାନଙ୍କ କାରଖାନାର ଗୋଦାମରେ ରଖିଥିଲେ । ଅନେକ କାର୍ଯ୍ୟାନୁଷ୍ଠାନ ପରେ, ଯାହା ଏହି ଆବେଦନ ଉଦ୍ଦେଶ୍ୟରେ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ, ବାଙ୍କୁରାର ଜିଲ୍ଲା ଦଣ୍ଡାଧିକାରୀ, 14 ଅଗଷ୍ଟ, 1951 ରେ ବେଙ୍ଗଲ ପୌରପାଳିକା ଅଧିନିୟମର ଧାରା 431 ଏବଂ 432 ଅନୁଯାୟୀ, 1950 ର ଏମ୍. ପି. ସଂଖ୍ୟା 58 ରେ ଜାଣିବାକୁ ପାଇଲେ ଯେ 6 ମାର୍ଚ୍ଚ, 1950 ରେ ଜବତ ହୋଇଥିବା ସୋରିଷ ମଞ୍ଜିଗୁଡ଼ିକ, ସେହି ଦିନ ଏବଂ ତଥାପି ଏବେ ମଧ୍ୟ, ମାନବ ବ୍ୟବହାର ପାଇଁ ଅନୁପଯୁକ୍ତ ଥିଲା । କିନ୍ତୁ ସେ ପର୍ଯ୍ୟନ୍ତ, ଯେହେତୁ ମଞ୍ଜିଗୁଡ଼ିକରୁ କୌଣସି ତୈଳ ବାହାରୁ ନଥିଲା ଏବଂ ମଞ୍ଜିଗୁଡ଼ିକ ସାର କିମ୍ବା ଗୋଖାଦ୍ୟ ପାଇଁ ବ୍ୟବହୃତ ହେବାକୁ ସକ୍ଷମ ଥିଲା, ତେଣୁ ସେ ସେଗୁଡ଼ିକୁ ନଷ୍ଟ କରିବାକୁ ନିର୍ଦ୍ଦେଶ ଦେଇନଥିଲେ, ବରଂ ନିର୍ଦ୍ଦେଶ ଦେଇଥିଲେ ଯେ ବାଙ୍କୁରା ପୌରପାଳିକାର କମିଶନରମାନେ ସେଗୁଡ଼ିକୁ ସାର କିମ୍ବା ଗୋଖାଦ୍ୟ ଭାବରେ ବ୍ୟବହୃତ ହେବା ଉଚିତ୍, କିନ୍ତୁ ଏହିପରି ବ୍ୟବହୃତ ହେବା ପୂର୍ବରୁ ସେମାନଙ୍କୁ ଏହା ନିଶ୍ଚିତ କରିବାର ଥିଲା ଯେ ଉକ୍ତ ଦ୍ରବ୍ୟଗୁଡିକ ମାନବ ଖାଦ୍ୟ ଭାବେ ବ୍ୟବହୃତ ହେବାକୁ ସକ୍ଷମ ନଥିଲା । ପ୍ରତିବାଦୀମାନେ, ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 435 ଅନୁଯାୟୀ, ବାଙ୍କୁରାର ଅତିରିକ୍ତ ଦୌରା ନ୍ୟାୟାଧୀଶଙ୍କ ସମ୍ମୁଖରେ ଜିଲ୍ଲା ଦଣ୍ଡାଧିକାରୀଙ୍କ ଆଦେଶ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟଙ୍କୁ ଏକ ବିଚାରାର୍ଥେ ପ୍ରେରଣ ପାଇଁ ଏକ ଆବେଦନ କରିଥିଲେ । ଅତିରିକ୍ତ ଦୌରା ନ୍ୟାୟାଧୀଶ ବିଚାର କରିଥିଲେ ଯେ ସୋରିଷ ମଞ୍ଜି ଜବତ କରିବା ଅବୈଧ ଥିଲା ଏବଂ ସମ୍ପୃକ୍ତ ମଞ୍ଜିଗୁଡ଼ିକୁ ବିକ୍ରୟ ଉଦ୍ଦେଶ୍ୟରେ କିମ୍ବା ମାନବ ବ୍ୟବହାର ପାଇଁ ତୈଳ ପ୍ରସ୍ତୁତ କରିବା

1953
ବାଙ୍କୁରାର ପୌରପାଳିକା ଅଧ୍ୟକ୍ଷ ବନାମ ଲାଲଜୀ ରାଜା ଏବଂ ପୁତ୍ରମାନେ
ନ୍ୟାୟମୂର୍ତ୍ତି ଭଗବତୀ

ଉଦ୍ଦେଶ୍ୟରେ ଜମା କରାଯାଇଥିଲା କିମ୍ବା ସେହି ସ୍ଥାନକୁ ଅଣାଯାଇଥିଲା ବୋଲି ଦର୍ଶାଇବା ପାଇଁ କୌଣସି ପ୍ରମାଣ ନଥିଲା । ତେଣୁ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 438 ଅନୁଯାୟୀ କାର୍ଯ୍ୟାନୁଷ୍ଠାନଗୁଡ଼ିକୁ ରଦ୍ଦ କରିବା ପାଇଁ ସେ ଉଚ୍ଚ ନ୍ୟାୟାଳୟଙ୍କୁ ଏକ ବିଚାରାର୍ଥେ ପ୍ରେରଣ କରିଥିଲେ । ନ୍ୟାୟମୂର୍ତ୍ତି ଚୁନ୍ଦର ଏହି ବିଚାରାର୍ଥେ ପ୍ରେରଣକୁ ଗ୍ରହଣ କରିଥିଲେ, ଜିଲ୍ଲା ଦଣ୍ଡାଧିକାରୀଙ୍କ ଆଦେଶ ବାତିଲ କରିଦେଇଥିଲେ ଏବଂ ଅନ୍ୟ କୌଣସି ଦଣ୍ଡାଧିକାରୀଙ୍କ ଦ୍ୱାରା ପୁନର୍ବିଚାର ପାଇଁ ମାମଲାଟିକୁ ପଠାଇ ଦେଇଥିଲେ, କାରଣ ବିଜ୍ଞ ବିଚାରପତିଙ୍କ ମତରେ, ଜିଲ୍ଲା ଦଣ୍ଡାଧିକାରୀ ସୋରିଷ ମଞ୍ଜି ଯାଞ୍ଚ ସମୟରେ ରେକର୍ଡରେ ଥିବା ସାମଗ୍ରୀ ଆଧାରରେ ନିଷ୍ପତ୍ତି ନ ନେଇ ତାଙ୍କ ନିଜ ପର୍ଯ୍ୟବେକ୍ଷଣ ଆଧାରରେ ନିଷ୍ପତ୍ତି ନେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଏକ ନ୍ୟାୟପୀଠକୁ ଏକ ଆବେଦନ କରାଯାଇଥିଲା ଏବଂ ଉଲ୍ଲିଖିତ ନିୟମକୁ ଦୃଷ୍ଟିରେ ରଖି, ନ୍ୟାୟମୂର୍ତ୍ତି ଚୁନ୍ଦରଙ୍କର, ଏକକ ଭାବେ ବସି, ଏକ ବିଚାରାର୍ଥେ ପ୍ରେରଣ ଶୁଣାଣିର ଅଧିକାରିତା ଅଛି କି ନାହିଁ, ଏହି ପ୍ରସଙ୍ଗରେ ଅନୁମତି ଦିଆଯାଇଥିଲା ।

ଆବେଦନକାରୀଙ୍କ ତରଫରୁ ଶ୍ରୀ ଏନ୍. ସି. ତାଲୁକଦାର୍ ଅନୁରୋଧ ପ୍ରସ୍ତାବନା କରିଥିଲେ ଯେ ବେଙ୍ଗଲ ପୌରପାଳିକା ଅଧିନିୟମ, 1932 ର ଧାରା 431 ଏବଂ 432 ଅନୁଯାୟୀ, ବାଙ୍କୁରାର ଜିଲ୍ଲା ଦଣ୍ଡାଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ଆଦେଶଟି ଉଚ୍ଚ ନ୍ୟାୟାଳୟଙ୍କ ସମ୍ପୃକ୍ତ ନିୟମର ପରନ୍ତୁକର ଅର୍ଥ ମଧ୍ୟରେ ଏକ ସମ୍ପତ୍ତି ବାଜ୍ୟାପ୍ତିକରଣ ଆଦେଶ ଥିଲା ଏବଂ ନ୍ୟାୟମୂର୍ତ୍ତି ଚୁନ୍ଦରଙ୍କ ବିଚାରାର୍ଥେ ପ୍ରେରଣ ଶୁଣାଣିର କୌଣସି ଅଧିକାରିତା ନଥିଲା  ଏବଂ ତାଙ୍କ ଆଦେଶକୁ ରଦ୍ଦ କରାଯିବା ଉଚିତ୍ ।

ଧାରା 431 ରେ ଏହା କୁହାଯାଇଛି: -

"(1) ଯଦି ଧାରା 428 ଅନୁଯାୟୀ ଜବତ କରାଯାଇଥିବା କୌଣସି ଜୀବନ୍ତ ଜିନିଷ, ଖାଦ୍ୟ ସାମଗ୍ରୀ, ନିଶାଦ୍ରବ୍ୟ ଇତ୍ୟାଦିକୁ ଧାରା 429 ର ଉପ-ଧାରା (1) ଅନୁଯାୟୀ ସମ୍ମତି ଦ୍ୱାରା ନଷ୍ଟ ନ କରାଯାଏ, କିମ୍ବା ଯଦି ସେହି ଧାରାର ଉପ-ଧାରା (2) ଆଧାରରେ ଶୀଘ୍ର ନଷ୍ଟ ହୋଇ ଯାଉଥିବା ଖାଦ୍ୟ ସାମଗ୍ରୀକୁ ଏପରି ଜବତ କରାଯାଇ ନଥାଏ, ତେବେ ଏହି ପରି ଜବତ ପରେ ଏହାକୁ ଯଥାଶୀଘ୍ର ଜଣେ ଦଣ୍ଡାଧିକାରୀଙ୍କ ସମ୍ମୁଖକୁ ନିଆଯାଇପାରିବ ।

(2) ଯଦି ଦଣ୍ଡାଧିକାରୀଙ୍କୁ ଏହା ପ୍ରତୀୟମାନ ହେଉଛି ଯେ ପରିସ୍ଥିତି ଅନୁସାରେ ଏପରି କୌଣସି ଜୀବନ୍ତ ଜିନିଷ ରୋଗାକ୍ରାନ୍ତ କିମ୍ବା ଦୋଷଯୁକ୍ତ କିମ୍ବା ସେପରି କୌଣସି ଖାଦ୍ୟ କିମ୍ବା ଔଷଧ

ପଚା, ଅସ୍ୱାସ୍ଥ୍ୟକର କିମ୍ବା ମାନବ ଖାଦ୍ୟ କିମ୍ବା ଔଷଧ ପାଇଁ ଅନୁପଯୁକ୍ତ ଅଟେ, ସେ ଏହାକୁ ଜବତ କରିବା ସମୟରେ ଏହା ଯେଉଁ ବ୍ୟକ୍ତିଙ୍କ ପାଖରେ ଥିଲା, ତାଙ୍କ ଖର୍ଚ୍ଚରେ ଏହାକୁ ନଷ୍ଟ କରିଦେବେ, କିମ୍ବା ଅଧିକାରୀମାନଙ୍କ ଦ୍ୱାରା ଅନ୍ୟଥା ନଷ୍ଟ କରିଦେବେ, ଯାହାଦ୍ୱାରା ଏହା ମାନବ ଖାଦ୍ୟ କିମ୍ବା ଔଷଧ ଭାବରେ ବ୍ୟବହୃତ ହୋଇପାରିବ ନାହିଁ ।"

ଧାରା 432 ରେ ଏହା କୁହାଯାଇଛି: -

"ଯେତେବେଳେ କୌଣସି କର୍ତ୍ତୃପକ୍ଷ, ଏହି ଅଧ୍ୟାୟ ଦ୍ୱାରା ପ୍ରଦତ୍ତ କୌଣସି କ୍ଷମତା ପ୍ରୟୋଗ କରି, କୌଣସି ଜୀବନ୍ତ ଜିନିଷ, ଖାଦ୍ୟ କିମ୍ବା କୌଣସି ଔଷଧର ବିନାଶ କିମ୍ବା ଏହାକୁ ଖାଦ୍ୟ କିମ୍ବା ଔଷଧ ଭାବରେ ବ୍ୟବହାର କରିବାରୁ ରୋକିବା ପାଇଁ ଏହାକୁ ନଷ୍ଟ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତି, ତାହା ପରେ ସେହି ଜିନିଷ ଅଧିକାରୀମାନଙ୍କ ସମ୍ପତ୍ତି ପାଲଟି ଯିବ ବୋଲି ବିବେଚନା କରାଯିବ ।

ମୁରେଙ୍କ ଅକ୍ସଫୋର୍ଡ ଅଭିଧାନରେ "ବ୍ୟାଜ୍ୟାପ୍ତିକରଣ" ଶବ୍ଦର ବ୍ୟାଖ୍ୟା କରାଯାଇଛି: "ଏକ ଅପରାଧ କିମ୍ବା ବେଆଇନ୍ କାର୍ଯ୍ୟ କିମ୍ବା ଚୁକ୍ତି ଭଙ୍ଗର ଫଳ ସ୍ୱରୂପ ସମ୍ପତ୍ତିର କ୍ଷତି କିମ୍ବା ଏହାର ଉପଭୋଗରୁ ବଞ୍ଚିତ ହେବା"...... "ଏକ ଅପରାଧ ପାଇଁ ଜୋରିମାନା" କିମ୍ବା "ଏକ ଅପରାଧ ପାଇଁ ଦଣ୍ଡ" । ଏହା ଯୁକ୍ତି କରାଯାଇଥିଲା ଯେ, ଯେଉଁ ପର୍ଯ୍ୟନ୍ତ ଧାରା 432 ରେ ବ୍ୟବହାର ପାଇଁ ଅନୁପଯୁକ୍ତ ଖାଦ୍ୟ କିମ୍ବା ନିଶାଦ୍ରବ୍ୟ କମିଶନରଙ୍କ ଉପରେ ନ୍ୟସ୍ତ କରିବାର ବ୍ୟବସ୍ଥା ରହିଥିଲା, ସେହି ସମ୍ପତ୍ତିର ମାଲିକଙ୍କ ସେଥିରେ ଥିବା ମାଲିକାନା ଅଧିକାରକୁ କାଢି ନିଆ ଯାଇଥିଲା କିମ୍ବା ତାଙ୍କୁ ସେହି ଅଧିକାରରୁ ବଞ୍ଚିତ କରାଯାଇଥିଲା ଏବଂ ଧାରା 431 (2) ଅନୁଯାୟୀ ଦଣ୍ଡାଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ ସେଥି ପାଇଁ ଏକ ସମ୍ପତ୍ତି ବାଜ୍ୟାପ୍ତିକରଣ ଆଦେଶ ଥିଲା ।

ଆମ ମତରେ ଏହି ଯୁକ୍ତିଟି ଦୁର୍ବଳ ଅଟେ । ଅଭିଧାନ ଅନୁସାରେ "ବାଜ୍ୟାପ୍ତିକରଣ" ଶବ୍ଦର ଅର୍ଥ ହେଉଛି, ଦ୍ରବ୍ୟର କ୍ଷତି କିମ୍ବା ଏହାର ଉପଭୋଗରୁ ବଞ୍ଚିତକରଣ ଏକ ଅପରାଧ କିମ୍ବା ବେଆଇନ୍ କାର୍ଯ୍ୟ କିମ୍ବା ଚୁକ୍ତି ଭଙ୍ଗର ଫଳ ସ୍ୱରୂପ ହେବା ଆବଶ୍ୟକ କିମ୍ବା ଏକ ଅପରାଧ ପାଇଁ ଜୋରିମାନା କିମ୍ବା ଏକ ଅପରାଧ ପାଇଁ ଦଣ୍ଡ ଦ୍ୱାରା ହେବା ଆବଶ୍ୟକ । ଯେପର୍ଯ୍ୟନ୍ତ ଦ୍ରବ୍ୟର କ୍ଷତି କିମ୍ବା ଏହାର ଉପଭୋଗରୁ ବଞ୍ଚିତକରଣ ଏକ ଅପରାଧ କିମ୍ବା ବେଆଇନ୍ କାର୍ଯ୍ୟ କିମ୍ବା ଚୁକ୍ତି ଭଙ୍ଗର ଫଳ ସ୍ୱରୂପ ନ ହୋଇଛି, ଏହା ବାଜ୍ୟାପ୍ତିକରଣର ସଂଜ୍ଞା ମଧ୍ୟରେ ଆସିବ ନାହିଁ । ଧାରା 431 (2) ଅନୁଯାୟୀ ଯାହା ଅଛି ତାହା ହେଲା ଖାଦ୍ୟ କିମ୍ବା ଔଷଧ, ଯାହା ପଚା, ଅସ୍ୱାସ୍ଥ୍ୟକର କିମ୍ବା ମାନବ ଖାଦ୍ୟ କିମ୍ବା ଔଷଧ ପାଇଁ ଅନୁପଯୁକ୍ତ, ତାହାର ବିନାଶ କିମ୍ବା କମିଶନରଙ୍କ ଦ୍ୱାରା ଅନ୍ୟଥା ଏହାକୁ

ନଷ୍ଟ କରିଦେବା, ଯାହା ଫଳରେ ତାହା ମନୁଷ୍ୟ ଖାଦ୍ୟ କିମ୍ବା ଔଷଧ ଭାବରେ ବ୍ୟବହାର କର ଯାଇ ପାରିବ ନାହିଁ । ଧାରା 432 ଦ୍ୱାରା ଏହା କୁହାଯାଇଛି ଯେ କମିଶନରଙ୍କୁ ଏହିପରି ବ୍ୟବହାର ପାଇଁ ଅନୁପଯୁକ୍ତ ଖାଦ୍ୟ କିମ୍ବା ଔଷଧ ନ୍ୟସ୍ତ କରିବାର ଉଦ୍ଦେଶ୍ୟ ହେଉଛି ଏହିପରି ଖାଦ୍ୟ କିମ୍ବା ଔଷଧର ବିନାଶ କରିବା କିମ୍ବା ଅନ୍ୟଥା ନଷ୍ଟ କରିବାରେ ସୁବିଧା କରିବା ଏବଂ ପୌରପାଳିକା ଦ୍ୱାରା ଏହା କୌଣସି ପ୍ରକାରେ ଏହିପରି ଖାଦ୍ୟ କିମ୍ବା ଔଷଧର ବାଜ୍ୟାପ୍ତିକରଣ ନୁହେଁ । ଏହିପରି ବ୍ୟବହାର ପାଇଁ ଅନୁପଯୁକ୍ତ ଖାଦ୍ୟ କିମ୍ବା ଔଷଧ, ଯାହାକି ପଚା, ଅସ୍ୱାସ୍ଥ୍ୟକର କିମ୍ବା ମାନବ ଖାଦ୍ୟ କିମ୍ବା ଔଷଧ ପାଇଁ ଅନୁପଯୁକ୍ତ ଅଟେ, ତାହା ଉପରେ ମାଲିକ କୌଣସି ପଦକ୍ଷେପ ନେଇ ପାରିବେନି । ଏହାକୁ ଧ୍ୱଂସ କରିଦେବା ଉଚିତ୍ କିମ୍ବା ଅନ୍ୟଥା ନଷ୍ଟ କରିଦେବା ଉଚିତ୍ ଯାହା ଦ୍ୱାରା ଏହାକୁ ମାନବ ଖାଦ୍ୟ କିମ୍ବା ଔଷଧ ଭାବରେ ବ୍ୟବହାର କରାଯାଇପାରିବ ନାହିଁ । ତେଣୁ ପୌରପାଳିକା କମିଶନରମାନେ ଯାହା କରିବାକୁ କ୍ଷମତାପ୍ରାପ୍ତ ଅଟନ୍ତି, ମାଲିକ ନିଜେ ମଧ୍ୟ ତାହା କରିବେ ବୋଲି ଆଶା କରାଯାଏ ଏବଂ ଯାହା କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ତେଣୁ, ତାହାକୁ ସମ୍ପତ୍ତିର ବାଜ୍ୟାପ୍ତିକରଣ କୁହା ଯାଇପାରିବ ନାହିଁ । ଏହି ଆଦେଶ ଏକ ଅପରାଧ ପାଇଁ ଦଣ୍ଡାଦେଶ ନୁହେଁ, ବରଂ ଏହା ସୁନିଶ୍ଚିତ କରିବା ପାଇଁ ଏକ ପଦକ୍ଷେପ ଯେ ବ୍ୟବହାର ପାଇଁ ଅନୁପଯୁକ୍ତ ଖାଦ୍ୟ କିମ୍ବା ଔଷଧ ଯେମିତି ମାନବ ଖାଦ୍ୟ କିମ୍ବା ଔଷଧ ଭାବରେ ବ୍ୟବହୃତ ନହେଉ ।

ଏହି ଅଧିନିୟମର XXIV ଅଧ୍ୟାୟ, ଯେଉଁଥିରେ ଜୋରିମାନାର ବ୍ୟବସ୍ଥା ରହିଛି, ସେଥିରୁ ଏହା ସ୍ପଷ୍ଟ ଯେ ଏହା ହିଁ ହେଉଛି ପ୍ରକୃତ ସ୍ଥିତି । ଧାରା 501 ରୁ 504 ନିର୍ଦ୍ଦିଷ୍ଟ ଅପରାଧ ପାଇଁ ଜୋରିମାନା ନିର୍ଦ୍ଧାରଣ କରିଥାଏ ଏବଂ ଧାରା 500, ସାଧାରଣତଃ, ସେଥିରେ ଉଲ୍ଲିଖିତ ଅନେକ ଅପରାଧ ପାଇଁ ଜୋରିମାନା ନିର୍ଦ୍ଧାରଣ କରିଥାଏ । ତେବେ ଧାରା 431 ସେଥିରେ ସ୍ଥାନ ପାଇନାହିଁ ।

ତେଣୁ ସମ୍ପତ୍ତି ବାଜ୍ୟାପ୍ତିକରଣ ବେଙ୍ଗଲ ପୌରପାଳିକା ଅଧିନିୟମରେ କୌଣସି ଅପରାଧ ପାଇଁ ଦଣ୍ଡ କିମ୍ବା ଜୋରିମାନା ମଧ୍ୟରୁ ଗୋଟିଏ ନୁହେଁ । ଉଚ୍ଚ ନ୍ୟାୟାଳୟଙ୍କ ନିୟମର ପ୍ରାସଙ୍ଗିକ ପ୍ରାବଧାନରେ, ମୃତ୍ୟୁ ଦଣ୍ଡାଦେଶ, ଦେଶାନ୍ତର, ସଶ୍ରମ କାରାଦଣ୍ଡ, ସମ୍ପତ୍ତିର ବାଜ୍ୟାପ୍ତିକରଣ କିମ୍ବା କାରାବାସ ସମ୍ବନ୍ଧୀୟ ଆଦେଶଗୁଡ଼ିକୁ ଏକତ୍ରିତ କରାଯାଇଛି । ଏହି ଆଦେଶଗୁଡ଼ିକ କେବଳ ବେଆଇନ କାର୍ଯ୍ୟ କିମ୍ବା ଅପରାଧ ପାଇଁ ଦଣ୍ଡ କିମ୍ବା ଜୋରିମାନା ଆଧାରରେ ଦିଆଯାଉଥିବା ଆଦେଶ ଅଟେ ଏବଂ ସେଠାରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିର ବାଜ୍ୟାପ୍ତିକରଣ କେବଳ ବେଆଇନ କାର୍ଯ୍ୟ କିମ୍ବା ଅପରାଧ କରିବାର ପରିଣାମ ସହିତ ଜଡ଼ିତ ହେବା ଛଡା ଆଉ କିଛି ନୁହେଁ । ଏହି ପରି ସମ୍ପତ୍ତି ବାଜ୍ୟାପ୍ତିକରଣ କ୍ଷେତ୍ରରେ ଏକକ ବିଚାରପତିଙ୍କ ଅଧିକରିତା ସେବେ

*1953*
*ବାଙ୍କୁରାର ପୌରପାଳିକା ଅଧ୍ୟକ୍ଷ ବନାମ ଲାଲଜୀ ରାଜା ଏବଂ ପୁତ୍ରମାନେ*
*ନ୍ୟାୟମୂର୍ତ୍ତି ଭଗବତୀ*

ବାଧାପ୍ରାପ୍ତ ହେବ ଯେବେ ଏହି ସମ୍ପତ୍ତି ବାଜ୍ୟାପ୍ତିକରଣ ଏକ ବେଆଇନ କାର୍ଯ୍ୟ କିମ୍ବା ଅପରାଧ ହେତୁ ଦିଆଯାଇଥିବା ଜୋରିମାନା କିମ୍ବା ଦଣ୍ଡର ପରିଣାମ ସ୍ୱରୂପ ହେବ । ତାଙ୍କ ପରିଶ୍ରମ ସତ୍ତ୍ୱେ, ଶ୍ରୀ ଏନ୍. ସି. ତାଲୁକଦାର୍ ଆମ୍ଭକୁ ବେଙ୍ଗଲ ପୌରପାଳିକା ଅଧିନିୟମ, 1932 ର କୌଣସି ବ୍ୟବସ୍ଥା ଦର୍ଶାଇବାକୁ ସକ୍ଷମ ହୋଇ ନାହାଁନ୍ତି, ଯାହା ଧାରା 431 (2) ଅନୁଯାୟୀ ଏକ ବେଆଇନ କାର୍ଯ୍ୟ କିମ୍ବା ଅପରାଧ ଘଟାଇବା ପାଇଁ ଜୋରିମାନା କିମ୍ବା ଦଣ୍ଡାଦେଶ ହେବ । ଯେଉଁ ଅପରାଧରେ ପ୍ରତିବାଦୀ ବିରୋଧରେ ଅଭିଯୋଗ ଲଗାଯାଇପାରିବ, ତାହା ଧାରା 421 ରେ ବ୍ୟାଖ୍ୟା କରାଯାଇଛି ଏବଂ ଧାରା 500 ରେ ପ୍ରଦାନ କରାଯାଇଥିବା ସେହି ଅପରାଧ ପାଇଁ ଦଣ୍ଡ ହେଉଛି ଜୋରିମାନା, ବ୍ୟାଜ୍ୟାପ୍ତିକରଣ ନୁହେଁ ।

ତେଣୁ, ଆମ୍ଭ ମତରେ 14 ଅଗଷ୍ଟ, 1951 ରେ ବେଙ୍ଗଲ ପୌରପାଳିକା ଅଧିନିୟମ, 1932 ର ଧାରା 431 ଏବଂ 432 ଅନୁଯାୟୀ ବାଙ୍କୁରାର ଜିଲ୍ଲା ଦଣ୍ଡାଧିକାରୀଙ୍କ ଆଦେଶ ଉଚ୍ଚ ନ୍ୟାୟାଳୟଙ୍କ ନିୟମାବଳୀର ଭାଗ 1, ଅଧ୍ୟାୟ 2, ନିୟମ 9 ର ପରନ୍ତୁକର ଅର୍ଥ ମଧ୍ୟରେ ସମ୍ପତ୍ତି ବାଜ୍ୟାପ୍ତିକରଣ ଆଦେଶ ନୁହେଁ, ଏବଂ ନ୍ୟାୟମୂର୍ତ୍ତି ଚୁନ୍ଦରଙ୍କ ବିଚାରାର୍ଥେ ପ୍ରେରଣକୁ ଗ୍ରହଣ କରିବା ଏବଂ ସେଥିରେ ନିଷ୍ପତ୍ତି ନେବାର ଅଧିକାରିତା ଥିଲା । ଫଳସ୍ୱରୂପ ଆବେଦନଟି ବିଫଳ ହୋଇଛି ଏବଂ ଖାରଜ ହୋଇଛି ।

*ଆବେଦନ ଖାରଜ କରାଗଲା ।*

ଆବେଦନକାରୀଙ୍କ ତରଫରୁ ପ୍ରତିନିଧି: *ସୁକୁମାର ଘୋଷ୍ ।*

ପ୍ରତିବାଦୀଙ୍କ ତରଫରୁ ପ୍ରତିନିଧି: *ଆର୍. ଆର୍. ବିଶ୍ୱାସ୍* ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।